# ଅଫିସ୍ କାନ୍ଥରୁ ହଟୁନି ୨ ବର୍ଷ ତଳର ନିର୍ବାଚନୀ ହୋର୍ଡିଂ



ବାଲେଶ୍ୱର, ୧୮।୩ (ସମିସ) : ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାନ୍ଥରୁ ଏବେ ବି ହଟିନାହିଁ ପ୍ରାୟ ୨ ବର୍ଷ ତଳର ନିର୍ବାଚନ ସମ୍ପର୍କିତ ହୋର୍ଡିଂ ଓ ବ୍ୟାନର। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ପଥ ଏବଂ କାନ୍ଥରେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଲଗାଯାଇଥିବା ସଚେତନତା ବ୍ୟାନରଗୁଡ଼ିକ ଏବେ ବି ସେମିତି ଝୁଲୁଛି। ବିଶେଷ କରି ୧ ଜୁନ୍ ୨୦୨୪ ମତଦାନ ପାଇଁ ଉଦ୍ଦିଷ୍ଟ 'ନିର୍ବାଚନ ପର୍ବ - ଦେଶର ଗର୍ବ' ଏବଂ 'ସ୍ୱୀପ୍' କାର୍ଯ୍ୟକ୍ରମର ବଡ଼ ବଡ଼ ହୋର୍ଡିଂ ପ୍ରଶାସନିକ ଅବହେଳାର ମୂକସାକ୍ଷୀ ପାଲଟିଛି। ନିୟମ ଅନୁଯାୟୀ, ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ସମସ୍ତ ପ୍ରଚାର ଓ ସଚେତନତା ସାମଗ୍ରୀକୁ ତୁରନ୍ତ ହଟାଇ ଦିଆଯିବା କଥା, ମାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରତିଦିନ ଶହ ଶହ ଜନସାଧାରଣ ଓ ଉଚ୍ଚପଦସ୍ଥ ଅଧିକାରୀ ଯିବାଆସିବା କରୁଥିଲେ ମଧ୍ୟ କାହାରି ନଜର ଏହି ପୁରୁଣା ବ୍ୟାନର ଉପରେ ପଡୁନାହିଁ କିପରି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ନେଇ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ପଚାରିବାରୁ ଆମେ ତାହାକୁ ଖୋଲି ଦେବୁ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## କୋର୍ଟରୁ କଏଦୀ ଚମ୍ପଟ ଘଟଣାକୁ ବିତିଲା ୧୩ ଦିନ

# ଧରାପଡ଼ିନି ଅଭିଯୁକ୍ତ, ଦୋଷ ଲୁଚାଇବାକୁ ପୁଲିସର ଅପଚେଷ୍ଟା

ବାଲେଶ୍ୱର, ୧୮।୩ (ସମିସ)

ବାଲେଶ୍ୱର ଜିଲ୍ଲା ପୁଲିସର ଦାୟିତ୍ୱହୀନତା ଏବଂ ନିଜର ଅପାରଗତାକୁ ଲୁଚାଇବା ପାଇଁ ଚାଲିଥିବା ପ୍ରୟାସ ଏବେ ହାଟରେ ପଡ଼ି ବାଟରେ ଗଡୁଛି। ଗତ ୬ ତାରିଖରେ ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ବାଲେଶ୍ୱର ଜେଲରେ ଥିବା ବିଚାରଧୀନ କଏଦୀ ସେକ ଇସ୍ତେଖାର କୋର୍ଟ ପରିସରରୁ ପୁଲିସକୁ ଚକମା ଦେଇ ଫେରାର ହେବାର ୧୩ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଏବେ ବି ଖାଲି ହାତରେ ବସିଛି। ଏହି ଘଟଣାରେ ଜିଲ୍ଲା ପୁଲିସର ସୁରକ୍ଷା ବ୍ୟବସ୍ଥାରେ ଥିବା ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଛି। ଗତ ୬ ତାରିଖରେ ୨୩ ଜଣ ବିଚାରଧୀନ କଏଦୀଙ୍କୁ ୫ଟି ଭିନ୍ନ ଭିନ୍ନ କୋର୍ଟରେ ହାଜର କରିବା ପାଇଁ ଜିଲ୍ଲା ପୁଲିସ ମାତ୍ର ୧୨ ଜଣ କର୍ମଚାରୀ (୨ ହାବିଲଦାର ଓ ୧୦ କନେଷ୍ଟବଳ)ଙ୍କୁ ଦାୟିତ୍ୱ ଦେଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଗୋଟିଏ କମାଣ୍ଡ ସାର୍ଟିଫିକେଟରେ ଏହି ୧୨ ଜଣଙ୍କ ନାମ ଥିବା ବେଳେ କେଉଁ କୋର୍ଟରେ କେତେଜଣ କର୍ମଚାରୀ ରହିବେ, ତାହାର କୌଣସି ସ୍ପଷ୍ଟ ସୂଚନା ନଥିଲା। ଏହି ଢିଲା ସୁରକ୍ଷାର ସୁଯୋଗ ନେଇ ଅଭିଯୁକ୍ତ ସେକ ଇସ୍ତେଖାର ଏସସିଏସଟି କୋର୍ଟ ପରିସରରୁ ଗତ ୬ ତାରିଖ ଅପରାହ୍ନ ୨.୦୭ ମିନିଟରେ ଚମ୍ପଟ ମାରିବାରେ ସଫଳ ହୋଇଥିଲା। ଘଟଣା ପରେ ନିଜକୁ ସ୍ୱଚ୍ଛ ଦେଖାଇବା ପାଇଁ ବାଲେଶ୍ୱର ଏସପି ମାତ୍ର ଦୁଇଜଣ



କନେଷ୍ଟବଳଙ୍କୁ ନିଲମ୍ବିତ କରିଛନ୍ତି। ଅନ୍ୟ ୧୦ ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବାଲେଶ୍ୱର ଏସପି। ହେଲେ ବଡ଼ ପ୍ରଶ୍ନ ଉଠୁଛି ଯେ, ଯେତେବେଳେ ଦାୟିତ୍ୱରେ ୧୨ ଜଣ ଥିଲେ ଏବଂ ସମୁଦାୟ ସୁରକ୍ଷା ବ୍ୟବସ୍ଥା ହିଁ ଦୁର୍ବଳ ଥିଲା, ସେତେବେଳେ କେବଳ ଦୁଇଜଣଙ୍କୁ ବଳି ପକାଇ ପୁଲିସ ପ୍ରଶାସନ କାହାକୁ ସୁରକ୍ଷା ଦେବାକୁ ଚାହୁଁଛି। ଅନ୍ୟପଟେ, ଗତ ୭ ତାରିଖରେ ବାଲେଶ୍ୱର ଏସପିଙ୍କ ପକ୍ଷରୁ ୧୨ ଜଣ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ନୋଟିସ ପାଇବା ପରେ ସେମାନେ ନିଜର ଲିଖିତ ପକ୍ଷ ରଖିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଇ ଜିଲ୍ଲା ପୁଲିସ ଏବେ ଚୁପ୍ ବସିଛି। ଦୁଷ୍କର୍ମ ଭଳି ସଂଗୀନ ମାମଲାର ଅଭିଯୁକ୍ତ ଖସିଯିବା ଏବଂ ୧୩ ଦିନ ପର୍ଯ୍ୟନ୍ତ ଧରା ନ ପଡ଼ିବା ଜିଲ୍ଲା ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସପି ପ୍ରତ୍ୟୁଷ ଦିୱାକରଙ୍କ କହିବା ଅନୁଯାୟୀ, ଅନ୍ୟମାନଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି। ହେଲେ ବାସ୍ତବରେ କେବଳ ତଳିଆ କର୍ମଚାରୀଙ୍କୁ ଛାଡ଼ି ଉପରିସ୍ଥ ଅଧିକାରୀ ଖସିଯିବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। କେବେ ଧରାପଡ଼ିବ ଫେରାର କଏଦୀ ଏବଂ କେବେ ବ୍ୟବସ୍ଥାରେ ତ୍ରୁଟି ପାଇଁ ଦାୟୀ ଅସଲି ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କେବେ ବୋଲି ବାଲେଶ୍ୱରବାସୀ ପ୍ରଶ୍ନ ଉଠାଇଛନ୍ତି।

# ଶ୍ରୀଜଗନ୍ନାଥ କଥାମୃତ ଶିକ୍ଷା ଶିବିର ଉଦ୍‌ଯାପିତ



ଖଇରା,୧୮।୩ (ସମିସ): ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ଦୋଳ ମେଳଣ ପଡିଆରେ ୧୫,୧୬ ଓ ୧୭ଦିନ ଧରି ଜଗନ୍ନାଥ କଥାମୃତ ଶିକ୍ଷାଶିବିର ଉଦଯାପିତ ହୋଇ ଯାଇଛି। ଦୋଳ ମେଳନ କମିଟି, ପୁରୀ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ଓ ପତିରାଜପୁର ଜଗନ୍ନାଥ ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନ ବାରାପୁର ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଉତ୍ସବ ସ୍ଥଳକୁ ଅଣାଯାଇଥିଲା। ସକାଳେ ସଂସ୍କୃତି ଜ୍ଞାନ ପରୀକ୍ଷାରେ ୧୫୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ସମିତିର ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏଥିରେ ଚିନ୍ମୟାନନ୍ଦ ସରସ୍ୱତୀ ମହାରାଜ,ତପସ୍ୱିନୀ ପାଢୀ,ଶରତ ଚନ୍ଦ୍ର ସାହୁ,ମନୋଜ ପ୍ରଧାନ ଓ ଜୟନ୍ତ କୁମାର ଦାଶ ପ୍ରମୁଖ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିବସ ସଂଧ୍ୟାରେ ପୁରୀ ଶ୍ରୀମନ୍ଦିରର ଅଙ୍ଗଲାଗି ସେବକ ମାନେ ଉପସ୍ଥିତ ରହି ଜଗନ୍ନାଥ ତତ୍ତ୍ୱ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଗୀତାଯଜ୍ଞ ଓ ସଂଧ୍ୟାରେ ସ୍ଥାନୀୟ କୁନି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସଂସ୍କୃତି ଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୩ଦିନ ଧରି ଜଗନ୍ନାଥ ୧୧ବେଶ ପ୍ରଦର୍ଶିତ ହୋଇଥିଲା। ସମିତି ସଭାପତି ରାମଚନ୍ଦ୍ର ପଣ୍ଡା,ସମ୍ପାଦକ ନିର୍ମଳ କୁମାର ପଣ୍ଡା,ସଦସ୍ୟ ରମଣୀ ରଞ୍ଜନ ନାୟକ, ଜ୍ଞାନ ପରୀକ୍ଷା ପରିଚାଳକ ଶିବପ୍ରସାଦ ବଳ,ଉମାକାନ୍ତ ଗିରି ପ୍ରମୁଖ ସହଯୋଗ କରିଥିଲେ।

# ୬ ପୋକଲିନ୍ ଓ ୨ ଡମ୍ଫର ଜବତ

ଖଇରା,୧୮।୩ (ସମିସ): ଜିଲ୍ଲା ଏସପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ପକ୍ଷରୁ ବୁଧବାର ଶାରିଶୁଆ ପାହାଡରେ ଚଢାଉ କରାଯାଇ ୬ ପୋକଲିନ ଓ ୨ ଡମ୍ଫର ଜବତ କରାଯାଇଛି। ପାହଡର କପିଳଝୁରୀ ବନ୍ଧୁନଟା ଓ ବଗେଇପୁର ମୌଜାରେ ଏହି ଚଢ଼ଉ କରାଯାଇଥିବା ବେଳେ ବିଭିନ୍ନ ଖଣିରେ ବେଆଇନ ଭାବେ ବ୍ୟବହୃତ ହୋଇଥିବା ଏହି ମ୍ୟାସିନ ଓ ରାସ୍ତାରେ ପଥର ବୋଝେଇ କରି ନେଉଥିବା ଡମ୍ଫର ୨ଟିକୁ ଜବତ କରାଯାଇଥିଲା। ଉକ୍ତ ଚଢାଉରେ ଅତିରିକ୍ତ ଏସପି ନିରଞ୍ଜନ ବେହେରା, ନୀଳଗିରି ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ,ଜୁନିଅର ଖଣି ଅଧିକାରୀ ଅଭିଷେକ ବେହେରା, ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ଜେସିବି ମେସିନ ସୁପରଭାଇଜରଙ୍କୁ ହତ୍ୟା



ବାଲେଶ୍ୱର, ୧୮।୩ (ସମିସ) : ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ତାଳକୁରୁଣିଆ ବଜାର ନିକଟ ଏକ ଭଡ଼ା ଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି ଗୋପାଳପୁର ଥାନା ପୁଲିସ। ତାଳକୁରୁଣିଆ ଗ୍ରାମର ଜେସିବି ମାଲିକ ମୃତ୍ୟୁଞ୍ଜୟ ସାହୁଙ୍କର ଜେସିବି ମେସିନ ଏବଂ ଟ୍ରାକ୍ଟରର ଦେଖାଶୁଣା ପାଇଁ ଗତ ୬ ତାରିଖରେ ନୟାଗଡ଼ ଅଞ୍ଚଳର ରାଜଶେଖର ମହାପାତ୍ର(୪୨) ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ମୃତ୍ୟୁଞ୍ଜୟ ସାହୁଙ୍କ କର୍ମଚାରୀମାନେ ତାଳକୁରୁଣିଆ ବଜାର ନିକଟରେ ଏକ ଭଡା ଘରେ ରହି ଆସୁଥିଲେ। ଅନ୍ୟ କର୍ମଚାରୀଙ୍କ ସହ ସୁପରଭାଇଜର ରାଜଶେଖର ମଧ୍ୟ ରହୁଥିଲେ। ଗତ ମଙ୍ଗଳବାର ରାତିରେ ଜେସିବି ଡ୍ରାଇଭର ନୀଳଗିରି ଅଂଚଳର କୈଳାଶ ଚନ୍ଦ୍ର ରାଉତ ଓ ସୁପରଭାଇଜର ରାଜଶେଖର ଦୁଇଜଣ ସାଙ୍ଗରେ ଭଡ଼ା ଘରେ ରହିଥିଲେ। ମାତ୍ର ଲୋକ ମାନେ କହିବା ଅନୁଯାଇ ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ସକାଳେ ଅନ୍ୟଜଣେ ଡ୍ରାଇଭର ଡାକିବାରୁ କବାଟ ନ ଖୋଲିବାରୁ ନିଜେ କବାଟ ପେଲି ଭିତରକୁ ପଶିଯିବାରୁ ଚଟାଣରେ ସୁପରଭାଇଜର ରାଜକିଶୋର ରକ୍ତଜୁଡୁବୁଡୁ ଅବସ୍ଥାରେ ମରି ପଡିଥିବାର ଦେଖିବାକୁ ପାଇଥିଲେ। ଖବର ପାଇ ଗୋପାଳପୁର ଥାନା ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଜେସିବି ଡ୍ରାଇଭର କୈଳାଶ ଚନ୍ଦ୍ର ରାଉତ ଫେରାର ହୋଇଯାଇ ଥିବା ଘଟଣାକୁ ନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ସେପଟେ ଜେସିବି ମାଲିକ ମୃତ୍ୟୁଞ୍ଜୟ ସାହୁ ଗୋପାଳପୁର ଥାନାରେ ଜେସିବି ଡ୍ରାଇଭର କୈଳାଶ ଚନ୍ଦ୍ର ରାଉତଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରୀ ରଖିଛି।

# ଦେବଗିରି ପାହାଡ଼ରୁ ଗଳିତ ଶବ ଉଦ୍ଧାର

ନୀଳଗିରି, ୧୮।୩ (ସମିସ): ପଞ୍ଚଲିଙ୍ଗେଶ୍ୱର ଦେବ ଗିରି ପାହାଡ଼ରେ ଏକ ଅଚିହ୍ନା ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ନୀଳଗିରି କୁଲଡ଼ିହା ସୀମାନ୍ତ ପଞ୍ଚଲିଙ୍ଗେଶ୍ୱର ଦେବଗିରି ପାହାଡ଼ ଉପରେ ଏକ ଗଳିତ ଶବର ଦୁର୍ଗନ୍ଧ ହେବାରୁ କିଛି ଲୋକ ଏହାକୁ ଅନୁସନ୍ଧାନ କରିବା ପରେ ଗଳିତ ମୃତଦେହକୁ ଦେଖିବାକୁ ପାଇଥିଲେ। ପରେ ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ଗଳିତ ମୃତ ଦେହକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛନ୍ତି।

# ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ଜଳେଶ୍ୱର, ୧୮।୩ (ସମିସ): ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ସାମ୍ପ୍ରତିକ ସମୟର ଏକ ସମ୍ବେଦନଶୀଳ ବିଷୟ ଲିଙ୍ଗ ଏବଂ ରାଜନୀତି ଶିର୍ଷକ ଦିନିକିଆ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସେମିନାରରେ ମୁଖ୍ୟ ଅତିଥି ତଥା ଆଲୋଚକ ଭାବେ ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପିକ ଡ. ରାଜଶ୍ରୀ ଦତ ଯୋଗଦେଇ ମତ ପ୍ରଦାନ କରିଛନ୍ତି ଯେ ଯଦିଓ ମହିଳା ମାନଙ୍କର ମତଦାନ ହାର ପ୍ରାୟ ସମାନ ସ୍ତରରେ ପହଂଚିଛି କିମ୍ବା ଅନେକ ରାଜ୍ୟରେ ପୁରୁଷମାନଙ୍କୁ ମଧ୍ୟ ଅତିକ୍ରମ କରିଛି। ସେହିପରି ଅଭଣା ସ୍ଥିତ ବେଳାଭୂମି ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପକ ଡ. ରଣଜିତ କୁମାର ବେହେରାଙ୍କ ମତରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଏକ ଢାଂଚାଗତ ମାର୍ଗ ପ୍ରଦାନ କରେ, କିନ୍ତୁ ପ୍ରକୃତ ଆହ୍ୱାନ ହେଉଛି ରାଜନୈତିକ ଦଳରେ ଦଳର ଢାଂଚା ମଧ୍ୟରେ ଗଭୀର ଭାବେ ଜଡିତ ପିତୃପୁରୁଷବାଦୀ ମତକୁ ଅତିକ୍ରମ କରିବା। ମହାବିଦ୍ୟାଳୟର ରାଜନୀତି ବିଭାଗ ମୁଖ୍ୟ ଶ୍ରବଣ କୁମାର ନାଥ ନିଜ ଅଭିଭାଷଣରେ ଲିଙ୍ଗ-କେନ୍ଦ୍ରୀକ ନୀତିର ପ୍ରଭାବ, ରାଜନୈତିକ ସକ୍ରିୟତା ପାଇଁ ସାମାଜିକ ଗଣମାଧ୍ୟମରେ ମହିଳାମାନଙ୍କର ଭୂମିକା ଏବଂ ସୁରକ୍ଷା ଓ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ପାଇଁ ସଂସ୍ଥାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ମତ ଉପସ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଦାସ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଲୋଚନା ଚକ୍ରର ଆଭିମୂଖ୍ୟ ବିଷୟରେ ସୂଚନା ପ୍ରଦାନ ସହିତ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ନୂତନ ଭାବେ ନିଯୁକ୍ତ ସହକାରୀ ଅଧ୍ୟାପିକା ଶୁଭଶ୍ରୀ ଦାସଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ।

# ଦୀନକୃଷ୍ଣ ମହାବିଦ୍ୟାଳୟରେ ପାଠଚକ୍ର

ଜଳେଶ୍ୱର ବ୍ଲକ, ୧୮।୩ (ସମିସ): ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଯୁଗ ଯୁଗ ଧରି ମହିଳା ସଶକ୍ତିକରଣ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁକାନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଗଣିତ ବିଭାଗର ମୁଖ୍ୟ ଡ. ହିମାଂସୁ କୁମାର ସାମଲ, ଇତିହାସ ବିଭାଗର ମୁଖ୍ୟ ଡ. ମାନସ୍ କୁମାର ଦାସ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଲୁଖି ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପକ ରତିକାନ୍ତ ମିଶ୍ର ବିଦାୟକାଳୀନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ତ୍ୱ ଜଣାଇଥିଲେ।

# କୁଲଡିହା ଅଭୟାରଣ୍ୟରେ ଦେଖାଗଲା ଓରିଏଣ୍ଟାଲ ପାଇଡ୍ ହର୍ଣ୍ଣବିଲ ପକ୍ଷୀ

ନୀଳଗିରି, ୧୮।୩ (ସମିସ): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟ ରେ ପ୍ରଥମ ଥର ପାଇଁ ଓରିଏଣ୍ଟାଲ ପାଇଡ୍ ହର୍ନବିଲ ପକ୍ଷୀ ଦେଖା ହେବା ଜଙ୍ଗଲ ପ୍ରେମୀ ଓ ପରିବେଶବିଦ୍ ମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ସମ୍ପ୍ରତି ଗ୍ରୀଷ୍ମକାଳୀନ ପକ୍ଷୀ ସର୍ଭେ ସମୟରେ ଏହି



ଦୁର୍ଲଭ ପକ୍ଷୀକୁ ଜଙ୍ଗଲ ଅଞ୍ଚଳର ଘନ ଅରଣ୍ୟ ମଧ୍ୟରେ ଦେଖାଯାଇଥିଲା। ଯାହା ସାଧାରଣତଃ ଏହି ପ୍ରଜାତି ପୂର୍ବ ଓ ଉତ୍ତର-ପୂର୍ବ ଭାରତର ଅରଣ୍ୟ ଅଞ୍ଚଳରେ ଦେଖାଯାଏ, କିନ୍ତୁ କୁଲଡିହାରେ ଏହାର ଉପସ୍ଥିତି ପ୍ରଥମ ଥିବାରୁ ଏହା ଜୈବ ବିବିଧତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ। ନୀଳଗିରିର ପରିବେଶବିତ୍ ମନୋରଞ୍ଜନ ଦାସ ବୁଧବାର ଏହି ପକ୍ଷୀଟି ଗଛରେ ବସି ରାବ କରୁଥିବା ବେଳେ ପ୍ରଥମ ଥର ପାଇଁ କୁଲଡ଼ିହା ଅଭୟାରଣ୍ୟରେ ଦେଖାଯାଇଥିଲା। ପକ୍ଷୀ ଅନୁସନ୍ଧାନକାରୀ ମାନେ କହିଛନ୍ତି ଯେ, ଏହି ଅଭୟାରଣ୍ୟର ପ୍ରାକୃତିକ ପରିବେଶ, ଖାଦ୍ୟ ଉପଲବ୍ଧତା ଓ ସୁରକ୍ଷିତ ଆବାସ ସୃଷ୍ଟି ହେବାରୁ ଏହି ପକ୍ଷୀ ଏଠାରେ ଆକର୍ଷିତ ହୋଇ ଥାଇପାରେ।

# ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼. ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ।ଶ୍ରୀ ପ୍ରୀତମ ପଣ୍ଡାଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜସ୍ୱଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିସ୍ମାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୮।୩(ସମିସ): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତରେ ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ନବମୀ ଓ ଏପ୍ରିଲ ମାସ ୧୪ତାରିଖରେ ହନୁମାନ ଜୟନ୍ତୀ ପାଳନ କରାଯିବ। ବାଲେଶ୍ୱର ସହରରେ ଏହି ପର୍ବକୁ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେଥିପାଇଁ ଶାନ୍ତି କମିଟି, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିବା ବେଳେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ,ଉପଜିଲ୍ଲାପାଳ ଶିବ ମାଲବ୍ୟ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଆଇପିଏସ ଅଧିକାରିଣୀ ମନିଶା ସଗୁନ ପ୍ରମୁଖ ଉପସ୍ଥିତ ଥିଲେ। ୨୫ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ୨୬ତାରିଖରେ ମୋଟରସାଇକେଲ ରାଲି ଏବଂ ୨୭ ତାରିଖରେ ପଦଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି।

# ରାଜ୍ୟସ୍ତରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲେଶ୍ୱର,୧୮।୩ (ସମିସ): ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହଯୋଗରେ ବାଲେଶ୍ୱର ସହରର ଇନଷ୍ଟିଚ୍ୟୁଟ ଅଫ ନେଚର କେୟାର ଏଣ୍ଡ ଯୋଗିକ ସାଇନ୍ସ ପରିଚାଳିତ "ହେଲଦି ଲାଇଫ୍' ଯୋଗ ମହାବିଦ୍ୟାଳୟ ଆନୁକୂଲ୍ୟରେ ଗତ ୧୪ ତାରିଖରୁ ଚାଲିଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ଜାତୀୟ ସେବା ଯୋଜନା (ଏସଏସଏସ) ସ୍ୱେଚ୍ଛାସେବୀଙ୍କ ପାଇଁ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ମୟୂରଭଞ୍ଜର ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ରମାଦେବୀ ବିଶ୍ୱବିଦ୍ୟାଳୟ, କେଉଁଝରର ଧରଣୀଧର ବିଶ୍ୱବିଦ୍ୟାଳୟ, ପୁରୀର ସଂସ୍କୃତ ବିଶ୍ୱବିଦ୍ୟାଳୟ, କଟକର ରେଭେନସା ବିଶ୍ୱବିଦ୍ୟାଳୟ ପ୍ରଭୃତିକୁ ମିଶାଇ ମୋଟ ୧୦ଟି ବିଶ୍ୱବିଦ୍ୟାଳୟର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ବାଲେଶ୍ୱର ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ, ବିଶିଷ୍ଟ ସାହିତ୍ୟିକ କବି ପ୍ରଶାନ୍ତ ଦାସ, ଦୈନିକ ଖବରକାଗଜ ଧ୍ୱନୀ ପ୍ରତିଧ୍ୱନୀର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା, ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ରାଖାଲ ଚନ୍ଦ୍ର ଘଡାଇ, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଗୌରାଙ୍ଗ ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇଥିଲେ। ହେଲଦି ଲାଇଫର ପ୍ରତିଷ୍ଠାତା ତଥା ଏନଏସଏସ ପ୍ରୋଗ୍ରାମ ଅଫିସର ଡାକ୍ତର ଚିତରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ପୌରହିତ୍ୱ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ତିନି ଦିନିଆ ଶିବିରରେ ଆନ୍ତର୍ଜାତିକ ନେଚରପାଥି ଅର୍ଗାନାଇଜେସନର ଓଡିଶା ସଭାପତି ଡାକ୍ତର ସୁଭାଷ ଚନ୍ଦ୍ର ଷଡଙ୍ଗୀ, କୋଲକତାର ସନାତନ ମହାକୁଡ, ସାଉଥ ଆଫ୍ରିକାର ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ଡାକ୍ତର ଭଗବାନ ଭୁୟାଁ ପ୍ରମୁଖ ରିସୋର୍ସପର୍ସନ ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ସହ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡକ୍ଟର ରିତୁଲତା ବିଶ୍ୱାଳ, ବିଶ୍ୱଜିତ ନାୟକ, କିରଣ କୁମାର ସାହୁ, ଶିଶିର ସାହୁ, ହରିଶଙ୍କର ପାଣିଗ୍ରାହୀ, ଅମ୍ବିକାଲୋଚନ ଦାସ, ପ୍ରତାପ କିଶୋର ବେହେରା, କିରଣବାଳା ସେଠୀ, ଅଜୟ କୁମାର ଦାସ, ଡକ୍ଟର ଲକ୍ଷ୍ମୀକାନ୍ତ ରଥ, ହିମାଂଶୁ ସାହୁ, ସ୍ମିତା ବାରିକ, ମାନସ ପଣ୍ଡା, ପ୍ରଦୀପ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକା ଅନୀତା ମିଶ୍ର ଓ କାନ୍ତିକ୍ରିଷ୍ଣା ଦାଶଙ୍କ ସହ ହେଲଦି ଲାଇଫର ଛାତ୍ରଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ। ଅଧ୍ୟାପକ ଅଭିଷେକ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



### ଦୁଇ ମାସ ପରେ ଆସିବ ବର୍ଷା ଋତୁ

# ମୁକୁଳା ପଡ଼ିଛି ବୈତରଣୀ ଓ କୋଚିଲା ନଦୀ ବନ୍ଧ

ଅସୁରାଳି,୧୮।୩(ସମିସ)

ଧାମନଗର ବ୍ଲକ୍‌ର ହସନାବାଦ ପଞ୍ଚାୟତ ଏକ ପ୍ରମୁଖ କୃଷି ପ୍ରଧାନ ଅଞ୍ଚଳ। ଖରିଫ ଫସଲ ସହିତ ସବୁଜ ପନିପରିବା, ବାଦାମ, ମୁଗ, ବିରି ବହୁଳ ପରିମାଣରେ ଏହି ପଞ୍ଚାୟତରୁ ଆମଦାନୀ ହୋଇଥାଏ। ମାତ୍ର ସମୟ ସମୟରେ ବୈତରଣୀ ଓ କୋଚିଲା ଆଦି ନଦୀରେ ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଉଛି। ଅଞ୍ଚଳ ପାଇଁ ସ୍ଥାୟୀ ବନ୍ୟା ପ୍ରତିକାର ହେଉ ନ ଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ହସନାବାଦ ପଞ୍ଚାୟତବାସୀ। ଗତବର୍ଷ ବୈତରଣୀରେ ଦୁଇ ଦୁଇଟି ବଡ଼ ବନ୍ୟା ସହିତ ତିନି ଚାରୋଟି ଛୋଟ ବନ୍ୟା ଆସିଥିଲା। ଏହି ବନ୍ୟାରେ ହସନାବାଦ ପଞ୍ଚାୟତ ଅଧିକ ପ୍ରଭାବିତ ହୋଇଥିଲା। ବୈତରଣୀ ନଦୀର ବିଭିନ୍ନ ଏସ୍କେପଗୁଡ଼ିକ ପୋତାଯାଇଥିବାରୁ ହସନାବାଦ ପଞ୍ଚାୟତର ବନ୍ୟା ଅଧିକ ହୋଇଥିଲା। ବର୍ଷା ଦିନ ଆସିବାକୁ ଆଉ ଦୁଇ ମାସ ରହିଲା। କେବେ ହେବ ବନ୍ୟାର ସ୍ଥାୟୀ ପ୍ରତିକାର?

ଆଠଘରିଆଠାରୁ ବୈତରଣୀ ନଦୀରୁ ଏକ ଶାଖା ନଦୀ କୋଚିଲା ବାହାରି ହସନାବାଦର ଗାନ୍ଧୀ ଘାଟଠାରେ ପୁନଶ୍ଚ ବୈତରଣୀ ନଦୀ ସହିତ ମିଶିଛି। ନଦୀ ଦୁଇଟିର ସଙ୍ଗମସ୍ଥଳୀ ଗାନ୍ଧୀ ଘାଟଠାରେ ପ୍ରାୟ ୨୦୦ ମିଟର ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। ନା ଏଠି ବନ୍ଧ ଅଛି ନା ଆନିକଟ। ବନ୍ୟା ଜଳକୁ ପ୍ରତିରୋଧ କରିବା ପାଇଁ କୌଣସି ବ୍ୟବସ୍ଥା ଏଠାରେ ନ ଥିବା ଦୃଷ୍ଟିରୁ ନଦୀରେ ବନ୍ୟା ଆସିବା କ୍ଷଣି ଏହି ମୁକୁଳା ସ୍ଥାନରେ ବନ୍ୟା ଜଳ ଅସ୍ତକ ଦେଇ ହସନାବାଦ ପଞ୍ଚାୟତରେ ପ୍ରବେଶ କରୁଛି। ଫଳରେ ଅର୍ଜ୍ଜୁନପୁର ପଞ୍ଚାୟତର ବାଲିପାଟଣା, ସୈଲ, ମମାଦୁଲା, ହସନାବାଦ ପଞ୍ଚାୟତର ଅନଳଡିହ, ତଳ ଅସ୍ତକ, ଉପର ଅସ୍ତକ, ଗୋପବନ୍ଧୁ ନଗର, ବନବାଗ, ମଠସାହି ଆଦି ଅଞ୍ଚଳ ପ୍ରଭାବିତ ହୋଇଥାଏ। ପ୍ରତିବର୍ଷ ଏହି ବର୍ଷା ଋତୁରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିଲେ ବି ପ୍ରଶାସନିକସ୍ତରରେ ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଦ୍ୱାରା ସ୍ଥାୟୀ ବ୍ୟବସ୍ଥା କରିବାକୁ ଯୋଜନାବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ବି ଅଦ୍ୟାବଧି ତାହାର ରୂପାୟଣ ହୋଇପାରି ନାହିଁ। ଚାଷୀମାନେ କରଜ ଧାର କରି ଚାଷ କରୁଥିଲେ ହେଁ ପ୍ରତିବର୍ଷ ବନ୍ୟା ଦାଉରେ କ୍ଷତିଗ୍ରସ୍ତ ହେଉଛନ୍ତି। ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନିକ କ୍ଷେତ୍ରରେ ଏବେ ତତ୍ପରତା ପ୍ରକାଶ ପାଇଛି। ଚୀନ୍‌ର ଦୁଃଖ ହୋୟାଙ୍ଗ୍ ହୋ ଭଳି ହସନାବାଦ ଏବଂ ଅର୍ଜ୍ଜୁନପୁର ଦୁଃଖ ସାଜିଛି ବୈତରଣୀ ଓ କୋଚିଲା ନଦୀର ମୁକୁଳା ବନ୍ଧ। ଏହି ଦୁଃଖ ଖୁବ୍‌ଶୀଘ୍ର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି। ଯଦି ଉକ୍ତ କାର୍ଯ୍ୟ ବର୍ଷା ଦିନ ପୂର୍ବରୁ ଆରମ୍ଭ ନ ହୁଏ, ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବେ ଧୃଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକ, ସରପଞ୍ଚ ଅଜୟ ମଲ୍ଲିକ, ଅକ୍ଷୟ ନାୟକ, ସନ୍ତୋଷ ରାଏ, ଉମେଶ ମହାନ୍ତି, ଦେବେନ୍ଦ୍ର ପଣ୍ଡା, ଜଗନ୍ନାଥ ମଲ୍ଲିକ, ଉମେଶ ତ୍ରିପାଠୀ, ଗଗନ ଜେନା ପ୍ରମୁଖ।

**ଆନ୍ଦୋଳନକୁ ଓହ୍ଲାଇବେ ଅଞ୍ଚଳବାସୀ**

## ଦୁବାଇ ଫେରନ୍ତା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଚନ୍ଦନେଶ୍ୱର,୧୮।୩ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ଚଣ୍ଡୀସିଂପୁର ଗ୍ରାମର ଜନୈକ ଯୁବକ ଦୀର୍ଘ ୪ ବର୍ଷ ପରେ ଦୁବାଇରୁ ଘରକୁ ଫେରିଥିବା ବେଳେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଦେଖା ଦେଇଛି। ମୃତକଙ୍କ ସାନଭାଇ ଓ ଭାଉଜ ଏହାକୁ ସୁପରିକଳ୍ପିତ ଭାବେ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏପରିକି ସମ୍ପୃକ୍ତ ଯୁବକଙ୍କ ସ୍ତ୍ରୀ ଓ ସାଙ୍ଗସାଥୀ ମାନେ ନିଶାରେ ବିଷ ଦେଇ ତାଙ୍କୁ ମାରି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଭୋଗରାଇ ପୁଲିସ ଅଭିଯୋଗ ମୂଳେ ମୃତକଙ୍କ ସ୍ତ୍ରୀ ମାନତା ବିବିଙ୍କୁ ଥାନାକୁ ନେଇ ପଚରା ଉଚରା କରି ଜାମିନରେ ଛାଡ଼ି ଦିଆଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଚଣ୍ଡିସିଂହପୁର ଗାଁର ମଇତାର ଖାନଙ୍କ ପୁଅ ଆସରଫ ୪ ବର୍ଷ ହେବ ଦୁବାଇରେ ରହି କାମଧନ୍ଦା କରୁଥିଲେ। ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ଚାଲିଥିବାରୁ ସେ ୧୭ ଦିନ ହେବ ସେ ଘରକୁ ଆସିଥିଲେ। ବାଜିତପୁର ପଂଚାୟତ ଅଧୀନ ମୁଣ୍ଡାବଣିଆ ଗାଁରେ ତାଙ୍କର ପୈତୃକ ବାସଗୃହ। ମାତ୍ର କିଛି ବର୍ଷ ପୂର୍ବରୁ ଚଣ୍ଡିସିଂହପୁର ଗାଁରେ ନୂତନ ଘର କରି ପରିବାର ସହିତ ସେଠାରେ ବସବାସ କରୁଥିଲେ। ଗତକାଲି(ମଙ୍ଗଳବାର) ଦିନ ତମାମ ଆସରଫ ସୁସ୍ଥ ଥିଲେ ଓ ରାତିରେ ସମସ୍ତେ ଖାଇପିଇ ଘରେ ଶୋଇଥିଲେ। ମାତ୍ର ବିଳମ୍ବିତ ରାତିରେ ସ୍ତ୍ରୀ ମାନତା ବିବି ହଠାତ ପାଟି କରି ଘର ଲୋକଙ୍କୁ ଡାକି ଥିଲେ। ମାତ୍ର ସେମାନେ ପହଞ୍ଚିବା ବେଳକୁ ଆସରଫଙ୍କ ମୃତ୍ୟୁ ହୋଇ ସାରିଥିଲା। ଏହାକୁ ନେଇ ପରିବାର ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ବୁଧବାର ସକାଳେ ତାଙ୍କ ମୃତଦେହକୁ ଗାଁ ଲୋକେ ଓ ମହିଳା ଗୋଷ୍ଠୀ ମୁଣ୍ଡାବଣିଆକୁ ଆଣିବା ସହିତ ସ୍ତ୍ରୀ ମାନତା ବିବିଙ୍କୁ ମାଦ୍ରାସାରେ ଅଟକ ରଖିଥିଲେ। ଖବର ପାଇ ଭୋଗରାଇ ଥାନା ପୁଲିସ ସେଠାରେ ପହଞ୍ଚି ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ବେଳେ ସ୍ତ୍ରୀ ମାନତା ବିବିଙ୍କୁ ଥାନାକୁ ନେଇ ପଚରା ଉଚରା କରିଥିଲେ। ଅପରପକ୍ଷରେ ମୃତଦେହର ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

## ବରୀ ବିଜେପିରେ କୌଣସି କନ୍ଦଳ ନାହିଁ: ସୁନନ୍ଦା

ଭୁବନେଶ୍ୱର,୧୮।୩(ସମିସ): ବୁଧବାର ୧୮ ତାରିଖରେ 'ସକାଳ'ରେ ପ୍ରକାଶ ପାଇଥିବା ଖବର 'ବରୀ ବିଜେପିରେ ନେତୃତ୍ୱ କଳି' ଶୀର୍ଷକ ଖବରକୁ ନେଇ ପ୍ରତିବାଦ କରିଛନ୍ତି ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ। ବରୀ ନିର୍ବାଚନ ମଣ୍ଡଳରେ ବିଜେପିର ନେତା ଥିବା ଉମେଶ ଚନ୍ଦ୍ର ଜେନା ଏବଂ ରାଜ୍ୟ ମୁଖପତ୍ର ମନୋଜ ମହାପାତ୍ର ଉଭୟ ଦଳର ଜଣେ ଜଣେ ସମର୍ପିତ ଏବଂ ଶୃଙ୍ଖଳିତ ସଭ୍ୟ। ସେମାନେ ନିର୍ବାଚନ ମଣ୍ଡଳୀର ବିକାଶ ଓ ଦଳର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି। ମୁଁ ମଧ୍ୟ ଦଳର ଏକ ତୃଣମୂଳ ସ୍ତରର କର୍ମୀ। ଏଥିରେ ମୋ ଦଳୀୟ ସାଥୀଙ୍କ ବିରୋଧରେ କୌଣସି ମେଣ୍ଟ କରିବା କିମ୍ବା ତାଙ୍କ କାର୍ଯ୍ୟକଳାପକୁ ବିରୋଧ କରିବାକୁ କେବେ ବି ଚେଷ୍ଟା କରିନାହିଁ କିମ୍ବା କରିବି ନାହିଁ ବୋଲି ସୁନନ୍ଦା କହିଛନ୍ତି। ଏପରିକି ଖବରର ସତ୍ୟତାକୁ ନେଇ ତାଙ୍କ ବିରୋଧରେ ପ୍ରମାଣ ଥିଲେ ସର୍ବସାଧାରଣରେ କ୍ଷମା ମାଗିବି ବୋଲି ପୂର୍ବତନ ବିଧାୟିକା ତାଙ୍କ ସ୍ପଷ୍ଟୀକରଣରେ କହିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ନିର୍ଦ୍ଦେଶ

ପ୍ରୀତିପୁର,୧୮।୩(ସମିସ): ବାର୍ଷିକ ବେତନ ବୃଦ୍ଧି ତାରିଖର ଗୋଟିଏ ଦିନ ପୂର୍ବରୁ ଅବସର ନେଇଥିବା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବଞ୍ଚିତ ହୋଇଥିବା ଇନକ୍ରିମେଣ୍ଟର ହିସାବକୁ ନେଇ ତାଙ୍କର ପ୍ରାପ୍ୟ ପ୍ରଦାନ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜାରି ହୋଇଥିବା ଏକ ଆବେଦନର ବିଚାର ଅବସରରେ ହାଇକୋର୍ଟ ଆଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର କୁସୁକା ଗ୍ରାମରେ ଅବସ୍ଥିତ ବାବା ବୈକୁଣ୍ଠନାଥ ହାଇସ୍କୁଲର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗଗନ ବିହାରୀ ପ୍ରଧାନଙ୍କର ବାର୍ଷିକ ବେତନ ବୃଦ୍ଧି (ଇନକ୍ରିମେଣ୍ଟ) ପ୍ରତିବର୍ଷ ମାର୍ଚ୍ଚ ପହିଲାରେ ହୋଇଥାଏ। ଶ୍ରୀ ପ୍ରଧାନ ତା ୨୮-୨-୨୦୨୧ ମସିହାରେ ଅବସର ଗ୍ରହଣ କରିଥିବାରୁ ଚାକିରିର ଶେଷବର୍ଷର ବାର୍ଷିକ ବେତନ ବୃଦ୍ଧି (ଇନକ୍ରିମେଣ୍ଟ) ତାଙ୍କର ହୋଇ ପାରିନଥିଲା। ତେବେ ଅରୁଣ କୁମାର ବିଶ୍ୱାଳ ନାମକ ଜନୈକ କର୍ମଚାରୀଙ୍କର ଏହିପରି ଏକ କେସ୍‌ରେ ଅର୍ଥ ବିଭାଗର ଚିଠି ଅନୁଯାୟୀ ସେ ନେସନାଲ ଇନକ୍ରିମେଣ୍ଟ ପାଇବାକୁ ନେଇ ଶ୍ରୀ ବିଶ୍ୱାଳ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ ଓ ପରେ ଜିଲ୍ଲାପାଳଙ୍କୁ ତାଙ୍କର ଆବେଦନ ମାଧ୍ୟମରେ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ପାଇଁ ନିବେଦନ କରିଥିଲେ। ମାତ୍ର ତାଙ୍କର ଆବେଦନ ଏହି ଦୁଇ ଅଧିକାରୀଙ୍କ ଦ୍ୱାରା ନାକଚ ହୋଇଯିବାରୁ ସେ ଓଡ଼ିଶା ହାଇକୋର୍ଟରେ ଡବ୍ଲ୍ୟୁ. ପି.(ସି) ନଂ ୬୪୫୪/୨୦୨୬ ରୁଜୁ କରିଥିଲେ। ଏହି ମାମଲାରେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଗତ ମାର୍ଚ୍ଚ ୫ ତାରିଖରେ ମାମଲାର ଶୁଣାଣି କରି ତୃତୀୟ ସ୍ଥାନରେ ଥିବା ପ୍ରତିପକ୍ଷ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆଠ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଅଭିଯୋଗର ସମ୍ପର୍କରେ ପଦକ୍ଷେପ ପାଇଛ ନିର୍ଦ୍ଦେଶ ଦେଇଛନ୍ତି। ଦଶଦିନ ମଧ୍ୟରେ ଏ ସମ୍ପର୍କରେ ଆବେଦନକାରୀଙ୍କୁ ଅବଗତ କରିବା ପାଇଁ ହାଇକୋର୍ଟ ଏହି ବିଚାର ଆଦେଶରେ ଦର୍ଶାଇଥିବା ଦେଖିବାକୁ ମିଳିଛି।

## ଗଣ୍ଡଗୋଳ ଘଟଣାରେ ସରପଞ୍ଚଙ୍କ ସ୍ୱାମୀ ଗିରଫ

ଧର୍ମଶାଳା,୧୮।୩(ସମିସ): ଧର୍ମଶାଳା ଥାନା ପାଟପୁର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଏକ ଗଣ୍ଡଗୋଳ ଘଟଣାରେ ଆଜି ଗିରଫ ହୋଇଥିବା ଜଣାଯାଇଛି। ସୂଚନା ମୁତାବକ ପାଟପୁର- ମିର୍ଜାପୁର ପଞ୍ଚାୟତର ଲାଙ୍ଗୁଡ଼ି ପାଦଦେଶରେ ସବୁ ବର୍ଷ ପରି ଚଳିତ ବର୍ଷ ମା' ଦୁଆରଶୁଣି ମେଳଣ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ମଧ୍ୟାହ୍ନରେ ମେଳଣରେ ବିମାନ ଆସ୍ଥାନ ନିରୂପଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଖବର ପାଇ ପୁଲିସ ସେଠାରେ ପହଞ୍ଚିଯିବା ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା। ହେଲେ ଏହି ଘଟଣା ପରେ ପାଟପୁର ସରପଞ୍ଚଙ୍କ ସ୍ୱାମୀ ଦୁଃଶାସନ ନାୟକ ଓ ତାଙ୍କ ସାନ ଭାଇ ଅର୍ଜୁନ ନାୟକଙ୍କ ମଧ୍ୟରେ ଘରେ ମାଡ଼ପିଟ ଘଟିଥିଲା। ଏନେଇ ଉଭୟ ଭାଇଙ୍କ ତରଫରୁ ଥାନାରେ ଅଭିଯୋଗ ହୋଇଥିଲା। ଉଭୟ ଭାଇଙ୍କ ଅଭିଯୋଗ ଆଧାରରେ ପୁଲିସ ୨୧୩ ଓ୨୧୪ରେ ଦୁଇ ଗୋଟି ପୃଥକ ମାମଲା ରୁଜୁ କରି ତଦନ୍ତ କରିବା ସହ ୨୧୩ ନଂ. କେଶରେ ବଡ଼ଭାଇ ତଥା ସରପଞ୍ଚଙ୍କ ସ୍ୱାମୀ ଦୁଃଶାସନ ନାୟକଙ୍କୁ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

### ● ଅଭିଯୁକ୍ତଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ପାଣିକୋଇଲି,୧୮।୩(ସମିସ): ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଭିଯୋଗକାରୀଙ୍କ ଘର ଉପରେ ପୁଲିସର ବାରମ୍ବାର ଚଢ଼ଉ ପ୍ରତିବାଦରେ ଆଜି ସନ୍ଧ୍ୟାରେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପୀଡ଼ିତ ପରିବାର ପହଞ୍ଚି ନ୍ୟାୟ ମାଗିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ପୁଲିସ ମୁଖ୍ୟାଳୟରେ ଅନଶନରେ ବସିବାକୁ ଚେତାବନୀ ଦିଆଯାଇଛି। ପ୍ରକାଶଯେ ଜେନାପୁର ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ସାମ୍ବାଦିକ, ସମାଜସେବୀ ତଥା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀସ ବିଶ୍ୱାଳ ଗତ ମାର୍ଚ୍ଚ ୧୬ ତାରିଖ କୁସୁନପୁର ପାହାଡ଼ ଅଞ୍ଚଳରେ ବେଆଇନ ପଥର ଲୁଟ୍ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଡାକରାରେ କ୍ଷେତ୍ର ପରିଦର୍ଶନରେ ଲୋକଙ୍କ ସହ ଖାଦାନକୁ ଯାଇଥିଲେ। ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିବାକୁ ଲୋକଙ୍କୁ ପରାମର୍ଶ ଦେଉଥିବା ସମୟରେ ଅଚାନକ ଭାବେ ବହୁ ସଂଖ୍ୟକ ସଶସ୍ତ୍ର ଗୁଣ୍ଡା ପହଞ୍ଚି ସତୀଶଙ୍କ ସମେତ ଅନେକ ଲୋକମାଡ଼ଙ୍କୁ ଆକ୍ରମଣ କରିଥିଲେ। ସୌଭାଗ୍ୟବଶତଃ ସେ ମରଣ ମୁହଁରୁ ବର୍ତ୍ତିଥିବା ବେଳେ ତାଙ୍କ କାର୍ତ୍ତିକୁ ଚୁରମାର କରିଦେଇ ଦୁର୍ବୃତ୍ତ। ଏନେଇ ସତୀସ ବିଶ୍ୱାଳ ଓ ନିରୁପମା ରାଉତ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକମାନେ ଥାନା ଘେରଉ କରିବାକୁ ଚାହୁଁଥିବା ବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାର ପ୍ରତିଶ୍ରୁତି ଦେବାରୁ ଲୋକମାନେ ବିରତ ରହିଥିଲେ। ପ୍ରଥମେ ଧର୍ମଶାଳା ଓ ପରେ କଟକରେ ସତୀସ ଚିକିତ୍ସିତ ହେଉଛନ୍ତି। ମାତ୍ର ଅବଧି ଅଭିଯୁକ୍ତ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଏତଲା କପି ମଧ୍ୟ ଦେଇନାହିଁ। ଅପରପକ୍ଷେ ପୁଲିସ ଓଲଟି ସତୀଶଙ୍କ ବାସଭବନରେ ବାରମ୍ବାର ଚଢ଼ଉ କରୁଛି। ଯାହା ପରୋକ୍ଷରେ ଗୁଣ୍ଡା ମାନଙ୍କୁ ପ୍ରୋତ୍ସାହିତ କରୁଛି। ପୁଲିସର ଭାବମୂର୍ତ୍ତି କ୍ଷୁଣ୍ଣ କରିବା ସହିତ ସତୀଶଙ୍କ ପରିବାରର ସାମାଜିକ ସମ୍ମାନ କ୍ଷୁଣ୍ଣ କରୁଛି। ଏନେଇ ସତୀଶଙ୍କ ବାପା ସନ୍ତୋଷ କୁମାର ବିଶ୍ୱାଳ, ପତ୍ନୀ ଓ ନାତି ଏସ୍‌ପିଙ୍କୁ ଭେଟି ତ୍ୱରିତ ନ୍ୟାୟ ପାଇଁ ଦାବି କରିବା ସହ ତିନିଦିନ ମଧ୍ୟରେ ପୁଲିସ କାର୍ଯ୍ୟାନୁଷ୍ଠାନ ନ ହେଲେ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ବରିଷ୍ଠ ନାଗରିକ ସନ୍ତୋଷ ପ୍ରକାଶ କରିଛନ୍ତି।



## ଅଚଳ ପାନୀୟ ଜଳ ପ୍ରକଳ୍ପ; କୋଟିଏ ଟଙ୍କା ପାଣିରେ

ଦୋବଲ,୧୮।୩(ସମିସ): ଧାମନଗର ବ୍ଲକ୍ କରଦା ପଞ୍ଚାୟତ ଚଷାଖଣ୍ଡ ଗାଁରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଏବେ ପ୍ରହସନ ପାଲଟିଛି। ଚଷାଖଣ୍ଡ ଗାଁର ୧୯୧ଟି ପରିବାରକୁ ପାଇପ୍ ଯୋଗେ ପାଣି ଯୋଗାଇବା ଲାଗି ୨ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ବିଶାଳ ଏଲିଭେଟେଡ୍ ସର୍ଭିସ୍ ରିଜର୍ଭର ବା ପାଣି ଟାଙ୍କି ନିର୍ମାଣ ହୋଇଥିଲେ ସୁଦ୍ଧା ବୈଷୟିକ ତ୍ରୁଟି ଓ ସ୍ଥାନୀୟ ବିବାଦ ଯୋଗୁଁ ଲୋକେ ବୁନ୍ଦାଏ ପାଣି ପାଇବାକୁ ଚାତକ ଭଳି ଚାହିଁ ରହିଛନ୍ତି। ଆଗାମୀ ୩୦ ବର୍ଷର ଜନସଂଖ୍ୟା ଓ ଜଣେ ବ୍ୟକ୍ତିଙ୍କ ଦୈନିକ ୭୦ରୁ ୧୦୦ ଲିଟର ପାଣି ଆବଶ୍ୟକତାକୁ ହିସାବକୁ ନେଇ ପ୍ରାୟ ୧.୬୫ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କରାଯାଇଥିଲା। ୨୦୧୯ରୁ ଟେଣ୍ଡର ହୋଇ ୨୦୨୪ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ପ୍ରକଳ୍ପ ପାଇଁ ସ୍ଥାନ ନିରୂପଣ ସଠିକ୍ ହୋଇ ନ ଥିବାରୁ ଏଠାରୁ ଗାଁଗୁଡ଼ିକୁ ପାଣି ଯୋଗାଇବା କଷ୍ଟସାଧ୍ୟ ହୋଇପଡ଼ିଛି। ବୈଷୟିକ ଜ୍ଞାନକୌଶଳ ଓ ଆଇନଗତ ଦିଗକୁ ଅଣଦେଖା କରି କେବଳ ଟାଙ୍କି ନିର୍ମାଣ କରିବା ହିଁ ମୂଳ ଲକ୍ଷ୍ୟ ଥିବା ପରି ମନେହେଉଛି। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପରଠାରୁ ବନ୍ଦ ରହିବାର ମୁଖ୍ୟ କାରଣ ହେଉଛି ବିଦ୍ୟୁତ୍ ସଂଯୋଗର ଅଭାବ। ବିଦ୍ୟୁତ୍ ଖୁଣ୍ଟ ବସାଇବା ପାଇଁ ସ୍ଥାନୀୟ ଲୋକେ ନିଜ ବ୍ୟକ୍ତିଗତ ଜମି ଛାଡ଼ିବାକୁ ରାଜି ହେଉନାହାନ୍ତି। ନିର୍ମାଣ ପୂର୍ବରୁ ଜନସାଧାରଣଙ୍କ ସହମତି ନିଆଯାଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଫଳରେ କୋଟି କୋଟି ଟଙ୍କାର ଯନ୍ତ୍ରପାତି ଅଚଳ ହୋଇ ପଡ଼ିରହିଛି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ହିଁ ଗାଁକୁ ବିଛାଯାଇଥିବା ପାଇପ୍‌ଗୁଡ଼ିକ ସ୍ଥାନେ ସ୍ଥାନେ ଫାଟି ନଷ୍ଟ ହେବାକୁ ବସିଲାଣି। ଲୋକଙ୍କ ଦୁଆର ମୁହଁରେ ଲାଗିଥିବା ଷ୍ଟାଣ୍ଡପୋଷ୍ଟ ଓ ଟ୍ୟାପ୍‌ଗୁଡ଼ିକ ଚୋରି ହୋଇଗଲାଣି।

ଆଶ୍ଚର୍ଯ୍ୟର କଥା, ୨୦ ମିଟର ଉଚ୍ଚର ଏହି ଟାଙ୍କି ଉପରେ ଏପର୍ଯ୍ୟନ୍ତ ଲାଇଟିଂ ଆରେଷ୍ଟର (ବଜ୍ରପାତ ନିରୋଧକ) ଲଗାଯାଇ ନାହିଁ, ଯାହାକି ବର୍ଷା ଦିନେ ଏକ ବଡ଼ ବିପଦକୁ ଆମନ୍ତ୍ରଣ କରୁଛି। ଖରାଦିନ ଆରମ୍ଭରୁ ହିଁ ଚଷାଖଣ୍ଡ ଅଞ୍ଚଳରେ ଜଳ ସଂକଟ ତୀବ୍ର ହେବାରେ ଲାଗିଛି। କୂଅ, ପୋଖରୀ ଶୁଖିଗଲାଣି ଏବଂ ନଳକୂଅର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ସରକାରୀ ଟଙ୍କାରେ ନିର୍ମିତ ପ୍ରକଳ୍ପ ଲୋକଙ୍କ କାମରେ ନ ଆସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜମି ଛାଡୁ ନ ଥିବା ଲୋକଙ୍କ ସହ ଆଲୋଚନା ଜାରି ରହିଛି। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି ଧାମନଗର ବ୍ଲକ୍ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯସ୍ମିନ୍ ଦାସ କହିଛନ୍ତି। ବୁଦ୍ଧିଜୀବୀଙ୍କ ମତରେ, ଯଦି ବିଦ୍ୟୁତ୍ ସଂଯୋଗରେ ସମସ୍ୟା ରହୁଛି, ତେବେ ବିକଳ୍ପ ଭାବେ ଏହି ପ୍ରକଳ୍ପକୁ ସୌରଶକ୍ତି ଦ୍ୱାରା ପରିଚାଳିତ କରିବା ପାଇଁ ବ୍ୟବସ୍ଥା କରାଯିବା ଉଚିତ୍। ସ୍ଥାନୀୟ ବାସିନ୍ଦା ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।



## ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ପରିଷଦ ବୈଠକ

ନୀଳଗିରି, ୧୮।୩ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ପରିଷଦ ବୈଠକ ବର୍ଷିଆନ କମ୍ୟୁନିଷ୍ଟ ନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରିର ସିପିଆଇ କାର୍ଯ୍ୟାଳୟ ବନମାଳୀ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ କୁମାର ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଯୋଗଦାନ କରିଥିଲେ। ବୈଠକ ପ୍ରାରମ୍ଭ ରେ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ଦିବଙ୍ଗତ ସାଥି ଶ୍ରୀଧର ଜେନା, ପ୍ରତାପ ମହାନ୍ତି ରାଜ୍ୟସ୍ତରୀୟ ଦିବଙ୍ଗତ ସାଥିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବୈଠକ ରେ ମୁଖ୍ୟତଃ ବିସ୍ଥାପିତ ମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ୫୦ ରୁ ଊର୍ଦ୍ଧ୍ୱ ଜିଲ୍ଲା ତଥା ଜୋନ ସ୍ତରୀୟ ସାଥି ମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍



ଭଦ୍ରକ,୧୮।୩(ସମିସ): କଟକ ବଡ଼ ମେଡିକାଲ ଆଇସିୟୁରେ ଅଗ୍ନିକାଣ୍ଡ ପରେ ଏବେ ଚେତା ପଶିଛି ଅଗ୍ନିଶମ ବିଭାଗର। ଏହି ଭୟଙ୍କର ଅଗ୍ନିକାଣ୍ଡ ପରେ ମଙ୍ଗଳବାର ଭଦ୍ରକ ଗେଲପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଫାୟାର ଫାଇଟ୍ ବା ଅଗ୍ନି ନିରୋଧ ଯନ୍ତ୍ରାଂଶଗୁଡ଼ିକର କିଭଳି ଅଗ୍ନିକାଣ୍ଡବେଳେ ବ୍ୟବହାର କରାଯିବ ଏନେଇ ଏକ ମକ୍‌ଡ୍ରିଲ୍ ଭଦ୍ରକ ଅଗ୍ନିଶମ ବିଭାଗ ପକ୍ଷରୁ କରାଯାଇଛି। କୌଣସି ଅଗ୍ନିଜନିତ ଦୁର୍ଘଟଣା ବେଳେ କିଭଳି ନିଆଁକୁ ନିୟନ୍ତ୍ରଣ କରାଯାଇପାରିବ ଓ କିଭଳି ଉକ୍ତ ଯନ୍ତ୍ରାଂଶକୁ ବ୍ୟବହାର କରାଯିବ ସେ ନେଇ ଅଗ୍ନିଶମ ବିଭାଗ ଅଧିକାରୀମାନେ ମକ୍‌ଡ୍ରିଲ୍‌ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ୩୫ଜଣ ସୁରକ୍ଷା କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ମକ୍‌ଡ୍ରିଲ୍‌ରେ ଜିଲ୍ଲା ହସ୍ପିଟାଲ ମ୍ୟାନେଜର ଡ. ସମୀର ରଞ୍ଜନ ମହାପାତ୍ର, ଭଦ୍ରକ ଆସିଷ୍ଟାଣ୍ଟ ଫାୟାର ଅଫିସର ପୂରଣ ସୋରେନ୍, ବିଭାଗୀୟ ଅଧିକାରୀ ହରିଶ୍ଚନ୍ଦ୍ର ମହାନ୍ତି ଓ ବାସୁଦେବ ମଲ୍ଲିକ ପ୍ରମୁଖ ସାମିଲ୍ ଥିଲେ।

## ବିପଦରେ ଅପୂଜା ମହାଦେବ ପୀଠ

ବାରିକପୁର,୧୮।୩(ସମିସ): ଦେବଦେବ ମହାଦେବ ସମସ୍ତଙ୍କୁ ବିପଦରୁ ଉଦ୍ଧାର କରନ୍ତି। ପରିତାପର ବିଷୟ ତାଙ୍କ ପୀଠ ଏବେ ବିପଦରେ ରହିଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀ ନିକଟସ୍ଥ ଅପୂଜା ମହାଦେବ ପୀଠରେ ଦୀର୍ଘ ବର୍ଷ ହେବ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଶ୍ରଦ୍ଧାଳୁମାନେ କେନାଲ ବନ୍ଧରୁ ପୀଠକୁ ନାକରେ ହାତ ଦେଇ ଯାଉଛନ୍ତି। ଜନୈକ ବ୍ୟକ୍ତି ନିକଟସ୍ଥ ପର୍ବତୀ ଘାଟଠାରେ ଏକ ଛତୁ ଫାର୍ମ କରିଥିବାବେଳେ ସେଠାରୁ ବାହାରୁଥିବା ଟ୍ରିପ୍ ଟ୍ରିପ୍ ବର୍ଜ୍ୟବସ୍ତୁକୁ ମହାଦେବଙ୍କ ପୀଠ ନିକଟରେ ଗଚ୍ଛିତ ରଖାଯାଉଛି। ଫଳରେ ପୀଠର ଭକ୍ତିମୟ ଗରିମା ନଷ୍ଟ ହେଉଥିବାବେଳେ ପଚା ନଡ଼ା ସହିତ ଅନ୍ୟାନ୍ୟ ବିଷାକ୍ତ ଦ୍ରବ୍ୟର ପ୍ରଭାବ ପରିବେଶ ଉପରେ ପଡୁଛି। ଏନେଇ ଗ୍ରୀନ୍ ଓଡ଼ିଶା ସଂଗଠନ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇଥିଲା। ସଂଗଠନ ପ୍ରତିଷ୍ଠାତା ପ୍ରଫେସର ସୁଧିର ଜେନା ଓ ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା ଏନେଇ ପରିବେଶ ପ୍ରଦୂଷଣ ବୋର୍ଡକୁ ଲିଖିତ ଭାବେ ଜଣାଇଥିଲେ। ଏହାଛଡ଼ା ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ। ପରିତାପର ବିଷୟ ଅଭିଯୋଗକୁ ଅନେକ ମାସ ବିତିଯାଇଥିଲେ ମଧ୍ୟ ଏହା ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯେଉଁଥିପାଇଁ ବୈଦିକସ୍ଥଳୀ ଏବେ ମଧ୍ୟ ଦୁର୍ଗନ୍ଧମୟ ସ୍ଥିତିରେ ରହିଛି। ଏଥିପାଇଁ ପ୍ରଶାସନିକ ଅପାରଗତାକୁ ଗ୍ରୀନ୍ ଓଡ଼ିଶା ସଂଗଠନ ଦାୟୀ କରିଛି।



## ଭଦ୍ରକରେ ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଭଦ୍ରକ,୧୮।୩(ସମିସ): ଆସନ୍ତା ଓଡ଼ିଶା ଦିବସ ପାଳନକୁ ସୁସଂଗଠିତ ଓ ଗମ୍ଭୀରତାର ସହ ପାଳନ କରିବା ପାଇଁ ବୁଧବାର ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ବୈଠକରେ ଆସନ୍ତା ଓଡ଼ିଶା ଦିବସ ଅବସରରେ ଜିଲ୍ଲାର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ବିଭିନ୍ନ ପ୍ରତିଯୋଗିତା ଓ ସମ୍ମାନ ସମାରୋହ ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ବିଭାଗକୁ ନିଜ ନିଜ ଦାୟିତ୍ୱ ସମଯୋପଯୋଗୀ ଭାବେ ପାଳନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ଦିବସ ଦିନ ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ସକାଳ ୭ଟା ୩୦ରେ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କୁ ନେଇ ସାମୂହିକ ଭାବେ ଜାତୀୟ ସଙ୍ଗୀତ ଗାନ କରିବା ପାଇଁ ଉକ୍ତ ବୈଠକରେ ସ୍ଥିରୀକୃତ ହେଲା। ଏହା ସହିତ ଓଡ଼ିଆ ପକ୍ଷ ପାଳନ କରାଯିବାର ସବିଶେଷ ତଥ୍ୟ ଗୃହୀତ କରାଗଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ପରିଷଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ନାୟକ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାମ୍ପୋ ୫ନଂ ୱାର୍ଡ ରାହୁଲସାହିକୁ ନାହିଁ ରାସ୍ତା

ଜଳେଶ୍ୱର, ୧୮।୩ (ସମିସ)



**୩୦ବର୍ଷ ହେବ ଦୁଃଖକଷ୍ଟରେ ବିତୁଛି ଜୀବନ**

ନାମ୍ପୋ ପଞ୍ଚାୟତ ସେହି ଗାଁର ୫ନଂ ୱାର୍ଡ ବେହେରାସାହି ଗାଁକୁ ରାସ୍ତାଟିଏ ନାହିଁ। ୩୦ବର୍ଷ ଧରି ଗ୍ରାମବାସୀ ସରକାରଙ୍କ ଦୃଷ୍ଟି ଗୋଚର କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସାହିବାସିନ୍ଦା ଏ ସଂପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୧୦କି.ମି. ଦୂର ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥ ୫୭କୁ ଲାଗି ରହିଥିବା ନାମ୍ପୋ ୫ନଂ ୱାର୍ଡ ବେହେରା ସାହିର ଅବସ୍ଥ ଅବର୍ଣ୍ଣନୀୟ। ଯିବା ଆସିବାଲାଗି କୌଣସି ରାସ୍ତା ନ ଥିବାରୁ ଲୋକମାନେ ଜମି ହିଡ କିମ୍ବା ବ୍ୟକ୍ତିଗତ ଜାଗାଦେଇ ଯିବା ଆସିବା କରୁଛନ୍ତି। ସାହିକୁ ସର୍ବସାଧାରଣ ରାସ୍ତା ରହିଥିଲେ ମଧ୍ୟ ୩୦ବର୍ଷ ହେବ କୌଣସି ନିର୍ବାଚିତ ପ୍ରତିନିଧି ଏହାର ଉନ୍ନତିକରଣକୁ ପ୍ରାଧାନ୍ୟ ଦେଇ ନାହାନ୍ତି କି ମୁଠାରେ ମାଟି ମୋରମ ପକାଇନାହାନ୍ତି। ଏହି ସାହିରେ ବସବାସ କରୁଥିବା ୮ ପରିବାରର ପ୍ରାୟ ୬୦ ଜଣ ଲୋକ ବର୍ଷାଦିନରେ ଏକ ପ୍ରକାର ବନ୍ଦୀ ଜୀବନ ବିତାଇ ଆସୁଛନ୍ତି। ବ୍ୟକ୍ତିଗତ ଜାଗାଦେଇ ଯିବା ଆସିବା ସମୟରେ ବେଳେବେଳେ ବାଟ ବନ୍ଦ ହେଲେ ଦୀର୍ଘଦିନ ଘରୁ ବାହାରିବା ସମ୍ଭବ ହୋଇପାରେ ନାହିଁ। ପିଲାଙ୍କ ପାଠପଢ଼ା ହେଉ କି ରୋଗୀକୁ ଡାକ୍ତରଖାନା ହେଉ ସେମାନଙ୍କ ପାଇଁ ଅଭିସପ୍ତ ଜୀବନ ହୋଇଛି। ସରପଂଚ, ୱାର୍ଡମେମ୍ବରଙ୍କୁ ବାରମ୍ବାର ଜଣାଇ ବ୍ୟର୍ଥ ହେବାପରେ ଗତବର୍ଷ ମେ ମାସରେ ଜଳେଶ୍ୱର ବିଡିଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ। କୌଣସି ପ୍ରତିକାର ନ ହେବାରୁ ଏ ସଂପର୍କରେ ଗ୍ରାମର ଜ୍ଞାନେନ୍ଦ୍ର ରାଉଳଙ୍କ ନେତୃତ୍ୱରେ ବିରେନ୍ଦ୍ର ରାଉଳ, ଭୂବତି ରାଉଳ, ଚନ୍ଦଶେଖର ରାଉଳ, ବିନାୟକ ରାଉଳ, ନରେନ୍ଦ୍ରନାଥ ରାଉଳ, ପ୍ରଦୀପ ରାଉଳ, ମହେଶ୍ୱର ରାଉଳ, ସ୍ନେହଲତା ରାଉଳ, ଆଲପନା ରାଉଳ, ଆରତୀ ରାଉଳ, ଆୟୁଷ ରାଉଳ, ମାନସ ରାଉଳ, ମହେଶ୍ୱର ରାଉଳ, ସୁବ୍ରିବିନୋଦ ରାଉଳ, ଅଧିର ରାଉଳ ପ୍ରମୁଖ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସଂପର୍କରେ ସମିତି ସଦସ୍ୟା ପ୍ରତିନିଧି ସୁଶିଲୁ ପରିଡାଙ୍କୁ ପଚାରିବାରୁ ରାସ୍ତାଲାଗି ଗାର୍ଡୱାଲ ନିର୍ମାଣ ଆବଶ୍ୟକ ରହିଥିବାରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଟଙ୍କା ଆସିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ସେହିପରି ଗ୍ରାମର ସମାଜସେବୀ ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ କେତେକ ଗ୍ରାମବାସୀ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଥିବା ଜଣାଯାଇଛି।

